## ୭୫ତମ ରକ୍ତଦାନ କଲେ ଶିକ୍ଷକ

**ତାଳଚେର,୨୭।୧ (ମନୋଜ ନନ୍ଦ)**

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ତାଳଚେରର ରକ୍ତଦାତା ତଥା ଶିକ୍ଷକ ଶାନ୍ତନୁ କୁମାର ସାହୁ ଉପଖଣ୍ଡ ଚିକିତ୍ସାଳୟସ୍ଥିତ ରକ୍ତ ଭଣ୍ଡାର କେନ୍ଦ୍ରଠାରେ ୭୫ତମ ରକ୍ତଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଯୋଗଦେଇ ଶାନ୍ତନୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଗଙ୍ଗାଧର ବେହେରା, ମେଡିକାଲ ଅଫିସର ଡା. ଅରବିନ୍ଦ ନନ୍ଦୀ, ରେଡ୍‌କ୍ରସ ସୋସାଇଟିର ସକ୍ରିୟ ସଦସ୍ୟ ବଳରାମ ପତି ଉପସ୍ଥିତ ଥିଲେ। ରକ୍ତ ଭଣ୍ଡାର କର୍ମଚାରୀ ସହଯୋଗ କରିଥିଲେ।

## ଓସ୍କାପାଲିରେ ଜନଶୁଣାଣି

**ବଇଣ୍ଡା,୨୭।୧ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ଓସ୍କାପାଲି ପଞ୍ଚାୟତ ସଭାଗୃହରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁବ୍ରତ ବେହେରା ଯୋଗଦେଇ ୧୫ ଅଭିଯୋଗର ଶୁଣାଣି କରିବା ସହ ସମାଧାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରୋଜ ପ୍ରଧାନ, ବିଏଲ୍‌ଓ ଲକ୍ଷ୍ମଣ ଦେହୁରୀ, ଝସକେତନ ସାହୁ, ଡିଲେଶ୍ୱର ଦେହୁରୀ, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# କ୍ଷୁଧା, ଶୋଷଣମୁକ୍ତ ରାଷ୍ଟ୍ର ଗଠନ ସଂକଳ୍ପ

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

**ଅନୁଗୋଳ,୨୭।୧ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଅନୁଗୋଳ ପୋଲିସ ଟ୍ରେନିଂ କଲେଜ ପଡ଼ିଆଠାରେ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଯୋଗଦେଇ ସକାଳ ୯ ଟା ୧୫ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଉପସ୍ଥିତ ଥିଲେ। ରିଜର୍ଭ ଇନ୍‌ସପେକ୍ଟର ଗୋବିନ୍ଦ ମାହାରିଙ୍କ ନେତୃତ୍ୱରେ ମୋଟ ୩୫ ଗୋଟି ପ୍ଲାଟୁନ ପରେଡରେ ଅଂଶଗ୍ରହଣ କରିଥିଲେ। ଜିଲପାଳ ତାଙ୍କ ଅଭିଭାଷଣରେ ବରପୁତ୍ରମାନଙ୍କ ସ୍ମୃତିଚାରଣ ସହ କ୍ଷୁଧାମୁକ୍ତ, ବିକାଶଯୁକ୍ତ, ଶୋଷଣମୁକ୍ତ, ଲୋକାଭିମୁଖୀ ଯୋଜନାଯୁକ୍ତ ରାଷ୍ଟ୍ର ଗଠନ ପାଇଁ ସଙ୍କଳ୍ପ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ ଓ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ଜେଲ ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସହରରେ ରାମଧୁନ ପ୍ରଚାର କରାଯାଇଥିଲା। ଜିଲା କାର୍ଯ୍ୟାଳୟ, ଉପଜିଲାପାଳ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଓ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଜିଲା ପ୍ରଶାସନ ତରଫରୁ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଅଧିକାରୀମାନେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅପରାହ୍ନରେ ଏକକ ଅଭିନୟ ଓ କୌତୁକ ପୋଷାକ ପ୍ରତିଯୋଗିତା, ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମହାଲିକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜିଲାପାଳ ଓ ଏସ୍‌ପି ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

**ଆଠମଲ୍ଲିକ,୨୭।୧ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ପରେଡ ପଡ଼ିଆରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଉପେନ୍ଦ୍ର ଲୁହା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ୧୫ଟି ପ୍ଲାଟୁନ ପରେଡରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏନ୍‌ସିସିର ପ୍ରଥମ ଫିଲ୍ଡ କମାଣ୍ଡର ଭାବେ ଶୋଭନ ପ୍ରଧାନ, ଦ୍ୱିତୀୟ କମାଣ୍ଡର ଭାବେ ପ୍ରିୟବ୍ରତ ପାତ୍ର, ପ୍ଲାଟୁନ କମାଣ୍ଡର ବବଲୁ ନାଏକ, ବାଳିକା ବିଭାଗର ପ୍ଲାଟୁନ କମାଣ୍ଡର ଭାବେ ରାଗିଣୀ ପ୍ରିୟଦର୍ଶିନୀ ବେହେରା ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପକ ଡ. ହୃଷୀକେଶ ମହାକୁଡ଼ ସଂଯୋଜନା କରିଥିଲେ। ଏସ୍‌ଡିପିଓ ସୁଶାନ୍ତ ତାଉଡ଼ିଆ, ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଚିଟୋସ ମହାନନ୍ଦିଆ, ଆଇଆଇସି ସନ୍ତୋଷ ସେଠୀ, ଲ୍ୟୁଟନାଣ୍ଟ ଶୁଭାଶିଷ ରଞ୍ଜନ ଦାସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାତଃରେ ପ୍ରଶାସନ ତରଫରୁ ସହରରେ ରାମଧୁନ ପ୍ରସାରଣ, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ସ୍କୁଲ, ଡାକ୍ତରଖାନା, କାରାଗାର ଓ ବାଳାଶ୍ରମରେ ମିଷ୍ଟାନ ବଣ୍ଟନ କରାଯାଇଥିଲା।

# ଖଣି ପାଇଁ ଜମି ନ ଦେବାକୁ ଶପଥ

## ବସନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା



ସ୍ୱତନ୍ତ୍ର ଗ୍ରାମସଭାରେ ସରପଞ୍ଚ, ନିର୍ବାହୀ ଅଧିକାରୀଙ୍କ ସହ ଅନ୍ୟମାନେ।

**ଛେଣ୍ଡିପଦା,୨୭।୧ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବସନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଲକ୍ଷ୍ମୀ ସାମଲଙ୍କ ନେତୃତ୍ୱରେ ସୋମବାର ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରତ୍ନପର୍ଣ୍ଣା ବେହେରା ଯୋଗଦେଇଥିଲେ। କୋଇଲା ଖଣି ପାଇଁ ନୈଭାଲି ଲିଗ୍‌ନାଇଟ କର୍ପୋରେଶନ ଇଣ୍ଡିଆ (ଏନ୍‌ଏଲ୍‌ସି) ଲିମିଟେଡ୍‌କୁ ଜମି ନ ଦେବାକୁ ଏହି ସ୍ୱତନ୍ତ୍ର ଗ୍ରାମସଭାରେ ପଞ୍ଚାୟତବାସୀ ଶପଥ କରିଥିଲେ।

ଛେଣ୍ଡିପଦା ବ୍ଲକର ଟି.କୋଡ଼ାସାହି, ମାଛକୁଟା, ବସନ୍ତପୁର, ଶିମିଳିପାଳ, ବାଗଡ଼ିଆ, ପାତ୍ରପଡ଼ା ଆଦି ପଞ୍ଚାୟତରେ କୋଇଲାଖଣି କରିବା ପାଇଁ ଏନ୍‌ଏଲ୍‌ସି ଉଦ୍ୟମ ଜାରି ରଖିଛି। ଇତିମଧ୍ୟରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ୭(୧) ନୋଟିଫିକେଶନ ଜାରି କରାଯାଇଛି। ସେଥିମଧ୍ୟରୁ ବସନ୍ତପୁର ଓ ଘୁଣ୍ଟୁଳିପାଶି ଗ୍ରାମର ୨୬୫.୮୮୩ ହେକ୍ଟର ଜମି କୋଇଲା ଖଣି ପାଇଁ ଅଧିଗ୍ରହଣ କରାଯିବ ବୋଲି ୭(୧) ନୋଟିଫିକେଶନ କରାଯାଇଥିବା ସରପଞ୍ଚ ସଭାରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହାପରେ ଏନ୍‌ଏଲ୍‌ସି କମ୍ପାନୀକୁ ଜମି ନ ଦେବା ପାଇଁ ପଞ୍ଚାୟତବାସୀ ଶପଥ କରିବା ସହ ଆଗାମୀ ଦିନରେ କମ୍ପାନୀର କୌଣସି କର୍ମଚାରୀଙ୍କୁ ବସନ୍ତପୁର ପଞ୍ଚାୟତ ଭିତରକୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଏହି ସଭାରେ ରାମଚନ୍ଦ୍ର ସାହୁ, ଜଗବନ୍ଧୁ ପ୍ରଧାନ, ଋଷଭ ସାହୁ, ଅକ୍ଷୟ କୁମାର ପ୍ରଧାନ, ଉଦୟ ପ୍ରଧାନ, ଈଶ୍ୱର ଚନ୍ଦ୍ର ସାହୁ, କରୁଣାକର ସାହୁ, ପ୍ରଶନ୍ନ କୁମାର ସାହୁ, ଲକ୍ଷ୍ମୀକାନ୍ତ ସାହୁଙ୍କ ସମେତ ଶତାଧିକ ଲୋକ ଯୋଗ ଦେଇଥିଲେ।

## ଅଭିବାଦନ ଗ୍ରହଣକଲେ ଉପଜିଲାପାଳ

**ତାଳଚେର,୨୭।୧ (ମନୋଜ ନନ୍ଦ)**

ତାଳଚେର ଉପଖଣ୍ଡ ସଦର ମହକୁମାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ତାଳଚେର କଲେଜ ପଡ଼ିଆରେ ସକାଳ ୯ଟା ୧୫ରେ ଉପଜିଲାପାଳ ସମୀର କୁମାର ଜେନା ପତାକା ଉତ୍ତୋଳନ ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ, ଶହୀଦ ବୀରପୁତ୍ର, ଜାତୀୟ ସ୍ତରରେ ସଫଳ କ୍ରୀଡ଼ାବିତ୍ ଏବଂ ସାମାଜିକ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମଣ୍ଡପାଳ ମେଡିକାଲରେ ଫଳ ଓ କାରାଗାରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ‘ବର୍ଣ୍ଣାଳୀ’ ଅନୁଷ୍ଠାନ ପକ୍ଷରୁ ପଞ୍ଚାୟତ ସଭାଘରେ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭରତ ଚରଣ ସାହୁ, ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀ, ଡେପୁଟି କଲେକ୍ଟର ଡାଏଲ ଏକା, ଡେପୁଟି କଲେକ୍ଟର ମାନସ ମୋହନ ସେଠ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳ, ତାଳଚେର ତହସିଲଦାର ଅଲଫା ଜେନା, କଣିହାଁ ତହସିଲଦାର ଚିନ୍ମୟ ଦାସ, ଅତିରିକ୍ତ ତହସିଲଦାର ପୁଷ୍ପିତା ମଧୁମତି ଦେହୁରୀ, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳନ୍ଦୀ ସାହୁ, ରାକେଶ ସେଠୀ, ପପୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

**ବଇଣ୍ଡା,୨୭।୧ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ୍‌ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ବରପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁବ୍ରତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଶାନ୍ତ ବିଶ୍ୱାଳ ଓ ପ୍ରଫୁଲ୍ଲ ପ୍ରଧାନ ପରେଡ ମୂଲ୍ୟାୟନ କରିଥିଲେ। ଶିକ୍ଷକ ବସନ୍ତ ପ୍ରଧାନ, ନବୀନ ବିଶ୍ୱାଳ, ଐଶ୍ୱର୍ଯ୍ୟା କାନୁନ୍‌ଗୋ, ସନ୍ତୋଷିନୀ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ ସହ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ମଞ୍ଚ ପରିଚାଳନା, କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ ଦାଶ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ତହସିଲଦାର ବିକ୍ରମ କେଶରୀ ନାୟକ, ଥାନା ଅଧିକାରୀ ବିଭୂତି ପ୍ରଧାନ, ଡାକ୍ତର ଅଲେଖ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମଣି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଇଣ୍ଡା ଶିଶୁ ମନ୍ଦିରରେ ବିଜେଡି ନେତା ଭାଗୀରଥୀ ପ୍ରଧାନ, ବଇଣ୍ଡା ଆଞ୍ଚଳିକ ନାଗରିକ ମଞ୍ଚରେ ସରପଞ୍ଚ ଦୀପ୍ତିମୟୀ ସାହୁ, ବଇଣ୍ଡା କଲେଜରେ ଅଧ୍ୟକ୍ଷ ପ୍ରଶାନ୍ତ ଖିଲାରି, ବଇଣ୍ଡା ହାଇସ୍କୁଲରେ ସୁକାନ୍ତି ମଞ୍ଜରି ଚତମ୍ବା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

## ସିଭିଲ କୋର୍ଟ ପରିସରରେ ସାଧାରଣତନ୍ତ୍ର ଦିବସ

**ବଇଣ୍ଡା,୨୭।୧ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ସିଭିଲ କୋର୍ଟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଓ ଦୌରାଜଜ୍ ରଞ୍ଜନ କୁମାର ସୂତାର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସବଜଜ୍ ଲିଙ୍କିପ୍ରିୟା ସାହୁ, ସିଭିଲ କୋର୍ଟ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ରାଉଳ, ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ସରକାରୀ ଓକିଲ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଅନ୍ତର୍ଯ୍ୟାମୀ ରାଉଳ, ବରିଷ୍ଠ ଆଇନଜୀବୀ ଜିତେନ କୁମାର ମିଶ୍ର, ବିଜୟ କୁମାର ମହାକୁଡ଼, ଦିନେଶ କୁମାର ସିଂହ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କ୍ରିମିନାଲ ବାର୍ ସଭାପତି ଅଞ୍ଜନ କୁମାର ପ୍ରଧାନ, ସମ୍ପାଦକ ସୁଧାଂଶୁ ଶେଖର ବେହେରା, କାର୍ଯ୍ୟକର୍ତ୍ତା ଓ ସଭ୍ୟ, ଅଦାଲତ କର୍ମଚାରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଶାନ୍ତ କୁମାର ତଉଡିଆ, ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ପରେଡରେ ଭାଗନେଲେ ୧୫ ଟ୍ରୁପ୍

**ପବିତ୍ରନଗର,୨୭।୧ (ନିରୋଜ ପ୍ରଧାନ)**

କଣିହାଁ ବ୍ଲକ ପବିତ୍ରନଗର ଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ୧୫ଟି ଟ୍ରୁପ୍ ପରେଡରେ ଭାଗ ନେଇଥିଲେ। ଶ୍ରେଷ୍ଠ ଚାଷୀ ଭାବେ ରମେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ରେଙ୍ଗାଲି କଲେଜ ଅଧ୍ୟକ୍ଷ ହେମନ୍ତ ଦେହୁରି, ବ୍ରହ୍ମାନନ୍ଦ ପ୍ରଧାନ, ବିଭିନ୍ନ ଅନୁଷ୍ଠାନର ଅବସରପ୍ରାପ୍ତ କର୍ମଚାରୀ, ଆୟୁଷ ଡାକ୍ତର ଦିଲୀପ ପ୍ରଧାନ, ଡାକ୍ତର ନିହାର ରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପତି ଅଧ୍ୟାପକ ରବୀନ୍ଦ୍ର ଗଡ଼ନାୟକ, ସମ୍ପାଦକ ପ୍ରମୋଦ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## କଣିହାଁ ବ୍ଲକରେ ସାଧାରଣତନ୍ତ୍ର ଦିବସ

**ପବିତ୍ରନଗର,୨୭।୧ (ନିରୋଜ ପ୍ରଧାନ)**

କଣିହାଁ ବ୍ଲକ ପ୍ରଶାସନ ତରଫରୁ ପିଏମ୍‌ଶ୍ରୀ ହାଇସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ସେହିପରି ବିଭିନ୍ନ ସରକାରୀ, ବେସରକାରୀ, ଶିକ୍ଷାନୁଷ୍ଠାନ, ସଙ୍ଗଠନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୁଲୁମା ପଞ୍ଚାୟତ ଜଗମୋହନ କଲେଜରେ ପ୍ରତିଷ୍ଠାତା ଜଗମୋହନ ପ୍ରଧାନ, ରେଙ୍ଗାଲି ପ୍ରକଳ୍ପ ପ୍ରଶାସନିକ କାର୍ଯ୍ୟାଳୟଠାରେ ସହକାରୀ ଯନ୍ତ୍ରୀ ଦାସମାତ ମୁର୍ମୁ, ଓଏଚ୍‌ପିସିରେ ସରୋଜ କୁମାର ବହିଦାର, ଅଫିସର୍ସ କ୍ଲବରେ ଜିଏମ୍ ସୁବ୍ରତ କୁମାର ଷଡଙ୍ଗୀ, ଓଏଚପିସି ପାୱାର ପ୍ରୋଜେକ୍ଟ ୱାର୍କର୍ସ ୟୁନିୟନଠାରେ ସମ୍ପାଦକ ବିରେଶ ଚନ୍ଦ୍ର ପତି ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

# ଏନ୍‌ଟିପିସି ତାଳଚେର ଥର୍ମାଲ ପକ୍ଷରୁ ସାଧାରଣତନ୍ତ୍ର ଦିବସ



ଅତିଥିମାନେ ପତାକା ଉତ୍ତୋଳନ କରୁଛନ୍ତି।

**ତାଳଚେର,୨୭।୧ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ଏନ୍‌ଟିପିସି ତାଳଚେର ଥର୍ମାଲ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ଟିପିସି ତାଳଚେର ଥର୍ମାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ଏଚ୍‌ଓପି ବିଜୟ ଚାନ୍ଦ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ ପ୍ରୋଜେକ୍ଟ ପ୍ରବୀର କୁମାର, ସାଗରିକା ଲେଡିଜ କ୍ଲବ ସଭାପତି ବିଭା ଅଗ୍ରୱାଲ, ସିଆଇଏସ୍‌ଏଫ୍ ଡିସି ରାଜେଶ ଧୟାଲ, ଏଜିଏମ୍ ଏଚ୍‌ଆର୍ ରୋହିତ କୁମାର, ବିଭାଗୀୟ ମୁଖ୍ୟ, ବିଭିନ୍ନ ଶ୍ରମିକ ସଙ୍ଗଠନର ପ୍ରତିନିଧି, ଡିଏଭି ସ୍କୁଲର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏନ୍‌ଟିପିସି ନିକଟସ୍ଥ ସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ‘ଉତ୍କର୍ଷ ମେଧାବୃତ୍ତି’ ପ୍ରଦାନ ସହିତ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ହୁଇଲଚେୟାର ଏବଂ ମୋଟରସାଇକେଲ ସମେତ ସହାୟକ ଗତିଶୀଳତା ଉପକରଣ ପ୍ରଦାନ କରିଥିଲେ।

# ଏମ୍‌ଜିସିସି ହମାମୀରା ଚାମ୍ପିୟନ



ଅତିଥିମାନେ ପୁରସ୍କାର ବିତରଣ କରୁଛନ୍ତି।

**ବନ୍ତଲା,୨୭।୧ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ପୋକତୁଙ୍ଗା ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୋକତୁଙ୍ଗା ବାବା ପାୱାର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ବାରଗୌଣିଆ କ୍ରିକେଟ କ୍ଲବ ଓ ଏମ୍‌ଜିସିସି ହମାମୀରା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏମ୍‌ଜିସିସି ହମାମୀରା ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ତଥା ଜିଲା ବିଜେଡି ସଭାପତି ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବିପ୍ଳବ ଜେନା, ଯୁବନେତା ଅରୁଣାଭ ସିଂହ, ତ୍ରିଲୋଚନ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଭାଗୀରଥି ମାଝୀ, ସାମାଜିକ କର୍ମୀ ନିରଞ୍ଜନ ଦେହୁରୀ, ବରିଷ୍ଠ ଆଇନଜୀବୀ ସରୋଜ ପଟ୍ଟନାୟକ, ସୁଶିତ ସାହୁ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ‘ଲୋକତନ୍ତ୍ର ସେନାନୀ’ ଭାବେ ସମ୍ମାନିତ ପୋକତୁଙ୍ଗା ଗାଁର ତ୍ରିଲୋଚନ୍ ପ୍ରଧାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ବାପୁନ ଦେହୁରୀ, କୀର୍ତ୍ତିକାନ୍ତ ପ୍ରଧାନ, ପିଙ୍କୁନ ସାହୁ, ଯତୀନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ସାହୁ, ମଣ୍ଟୁ ସାହୁ, ଚିଣ୍ଟୁ ସାହୁ, ମୁକେଶ ପ୍ରଧାନ, ବିଶ୍ୱଜିତ ଦେହୁରୀ, ଟିକନ ବେହେରା, ସଞ୍ଜୀବ ବେହେରା, ପ୍ରିୟବ୍ରତ ପ୍ରଧାନ, ସମରେଶ ବେହେରାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଜନ ଶୁଣାଣିରେ ୩୩ ଅଭିଯୋଗ

**ଅନୁଗୋଳ,୨୭।୧ (ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ସର୍କିଟ ହାଉସ ଅଡିଟୋରିୟମରେ ମଙ୍ଗଳବାର ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଶିବିରରେ ସମୁଦାୟ ୩୩ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୯ଟିର ତୁରନ୍ତ ଫଇସଲା କରାଯାଇଥିଲା। ୭ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଉପ ନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ, ମୁଖ୍ୟ ଜିଲା କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ।

## ପାଲଲହଡ଼ାରେ ସାଧାରଣତନ୍ତ୍ର ଦିବସ

**ପାଲଲହଡା,୨୭।୧ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡା ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ଯୋଗଦେଇ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଓ ସୁଶ୍ରୀ ବିଦ୍ୟୁସ୍ମିତା ସାହୁ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି ମଞ୍ଚ ପରିଚାଳନା କରିଥିଲେ। ଅଭୟ କୁମାର ନାଏକ ଉଦ୍‌ଘୋଷକ ଦାୟିତ୍ୱ ନିର୍ବାହ କରିଥିଲେ। ପରେଡରେ ୩୬ଟି ଦଳ ଅଂଶଗ୍ରହଣ କରିଥିଲେ। ବିଜୟୀ ହୋଇଥିବା ଦଳ ସହ ଉଲ୍ଲେଖନୀୟ ସେବା କରିଥିବା ୧୦ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

## ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

**ଛେଣ୍ଡିପଦା,୨୭।୧ (ଅଜିତ୍ ଧଳ)**

ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଗସ୍ତି ବେହେରା ଯୋଗଦେଇ ପତାକା ଉତ୍ତୋଳନ ସହ ଛାତ୍ରୀଛାତ୍ରଙ୍କୁ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ତହସିଲଦାର ମାନସ ରାୟ, ଶିକ୍ଷାଧିକାରୀ ଶତ୍ରୁଘ୍ନ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ବିଜୟ ମାଝୀ, ସରପଞ୍ଚ ସୁଦୀପ୍ତ ପ୍ରଧାନ, ଅକ୍ଷୟପାଦ ବେହେରା, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ବିଜୟ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ବାଲ୍ୟବିବାହ ରୋକିବାକୁ ସଚେତନତା ଶୋଭାଯାତ୍ରା

**ଅନୁଗୋଳ/ ଆଠମଲ୍ଲିକ/ ତାଳଚେର,୨୭।୧ (ମାନସ ବିଶ୍ୱାଳ/ ଉଦୀପ୍ତ ପୁରୋହିତ/ ମନୋଜ ନନ୍ଦ)**




ଅନୁଗୋଳ ଜିଲାସ୍ତରୀୟ ସଚେତନତା ଶୋଭାଯାତ୍ରା।

୨୦୩୦ ମସିହା ସୁଦ୍ଧା ଭାରତକୁ ବାଲ୍ୟ ବିବାହ ମୁକ୍ତ କରିବା ଲକ୍ଷ୍ୟ ନେଇ ଅନୁଗୋଳ ଜିଲା ସମାଜ ମଙ୍ଗଳ ବିଭାଗ ଅଧୀନରେ ଏକ ଜିଲାସ୍ତରୀୟ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଉଦ୍‌ଘାଟନ କରିଥିଲେ। ଜିଲା କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରା ଅନୁଗୋଳ ବ୍ଲକ ଅଫିସ ସମ୍ମୁଖ ଯାଏ ଯାଇ ପୁଣି ଜିଲା କାର୍ଯ୍ୟାଳୟ ପରିସରକୁ ଫେରିଥିଲା। ଏହି ଶୋଭାଯାତ୍ରାରେ କଲେଜ ଓ ସ୍କୁଲ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବାଲ୍ୟ ବିବାହ ଏକ ଅପରାଧ। ଶିଶୁମାନଙ୍କୁ ଶିଖିବାକୁ ଦିଅ, ସ୍ୱପ୍ନ ଦେଖିବାକୁ ଦିଅ ବୋଲି ସଚେତନତା ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି ପରିଚାଳନା କରିଥିଲେ। ପିଓ ରୁନୁ ପ୍ରଧାନ, ସିଡିପିଓ, ଡିପିସି, ସିଡବ୍ଲୁସି କର୍ମଚାରୀ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବାଲ୍ୟ ବିବାହ ବିରୋଧରେ ସମାଜକୁ ସଚେତନ କରିଥିଲେ।

ସେହିପରି ଆଠମଲ୍ଲିକ ତାଲୁକ ଆଇନ ସେବା କମିଟି ତରଫରୁ ବାଲ୍ୟ ବିବାହକୁ ବିରୋଧ କରି ଏକ ସଚେତନତା ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୂତାର, ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, କ୍ରିମିନାଲ ବାର୍ ଆସୋସିଏଶନ ସଭାପତି ଅଞ୍ଜନ କୁମାର ପ୍ରଧାନ, କୋର୍ଟ କର୍ମଚାରୀ ଅମିତ କୁମାର ନାୟକ, ସିଦ୍ଧାର୍ଥ ମହାନ୍ତି, ବହୁ ଆଇନଜୀବୀ ଓ କଲେଜର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ଜାତୀୟ ଆଇନ ସେବା ପ୍ରାଧିକରଣ ଓ ମହିଳା ଏବଂ ଶିଶୁ ବିକାଶ ବିଭାଗର ମିଳିତ ନିର୍ଦ୍ଦେଶ କ୍ରମେ ତାଳଚେର ଆଇନ ସହାୟତା କମିଟି ତରଫରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ତାଳଚେର ଆଇନ ସହାୟତା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ସତ୍ୟ ନାରାୟଣ କର ଏହାକୁ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଶାନ୍ତ କୁମାର ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଶ୍ରୀ କୃଷ୍ଣା ସୁବୁଦ୍ଧି, ତାଳଚେର ଓକିଲ ସଂଘ ସଭାପତି ସନ୍ତୋଷ କୁମାର ସାହୁ, ସରକାରୀ ଓକିଲ, ଅନ୍ୟ ବରିଷ୍ଠ ଆଇନଜୀବୀ, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସରକାରୀ ଶିଳ୍ପ ଅନୁଷ୍ଠାନର ଛାତ୍ର, ସ୍ୱୟଂସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ସିଭିଲ କୋର୍ଟ ତାଳଚେରର କର୍ମଚାରୀ ପ୍ରମୁଖ ଭାଗ ନେଇଥିଲେ। ତାଳଚେର ଥାନାର ଆରକ୍ଷୀ ବାହିନୀ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

## ବିଜେଡି କାର୍ଯ୍ୟାଳୟରେ ପତାକା ଉତ୍ତୋଳନ

**ଅନୁଗୋଳ, ୨୭।୧ (ମାନସ ବିଶ୍ୱାଳ)**

ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଗୋଳ ଜିଲା ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ତାଳଚେର ବିଧାୟକ ତଥା ଜିଲା ବିଜେଡି ସଭାପତି ବ୍ରଜକିଶୋର ପ୍ରଧାନ ଯୋଗଦେଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ପୂର୍ବତନ ଜିଲା ବିଜେଡି ସଭାପତି ମହେନ୍ଦ୍ର ବଢ଼ିଆ, ଜିଲା ମହିଳା ସଭାନେତ୍ରୀ ବିଦ୍ୟୁଲତା ପ୍ରଧାନ, ଜିଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ ଏବଂ କାଉନସିଲର, ଜିଲା ପରିଷଦ ସଦସ୍ୟ, ଜିଲା ବିଜେଡି କମିଟିର ସମସ୍ତ ସଦସ୍ୟ ଏବଂ ଯୁବ, ଛାତ୍ର, ମହିଳା ଜନତା ଦଳର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

**ସିଲିଣ୍ଡର ଫାଟି ଗ୍ୟାସ୍ ବ୍ୟବସାୟୀ ଗୁରୁତର**

ଢେଙ୍କାନାଳ (ରତନ ନାୟାର): ଢେଙ୍କାନାଳ ବସ୍‌ଷ୍ଟାଣ୍ଡରେ ମଙ୍ଗଳବାର ସନ୍ଧ୍ୟାରେ ସିଲିଣ୍ଡର ଫାଟି କାଳିଆ ନାମକ ଜଣେ ଗ୍ୟାସ ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ତାଙ୍କ ଶରୀରର ବହୁ ଅଂଶ ପୋଡ଼ିଯାଇଥିବା ଜଣାପଡ଼ିଛି। ସିଲିଣ୍ଡର ଫାଟିବାର କାରଣ ଅସ୍ପଷ୍ଟ ରହିଛି।

# ଅନ୍ୟାୟ ବିରୋଧରେ ଲଢ଼ିବା ଶିଖାଇଛି ପ୍ରଜାମଣ୍ଡଳ ଆନ୍ଦୋଳନ

## ୭୭ତମ ସାଧାରଣତନ୍ତ୍ର ଦିବସ

ଢେଙ୍କାନାଳ,୨୭।୧ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ମହକୁମାରେ ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟ ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ରାଜ୍ୟ ସରକାରଙ୍କ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଢେଙ୍କାନାଳ ଜିଲାର ବରପୁତ୍ରମାନଙ୍କୁ ପ୍ରଣାମ ଜଣାଇ ମହାପୁରୁଷମାନଙ୍କ ସ୍ମୃତିଚାରଣ କରିଥିଲେ। ସେ କହିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମରେ ଢେଙ୍କାନାଳର ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଅନ୍ୟାୟ ବିରୋଧରେ ଲଢ଼େଇ କରିବା ଶିଖାଇଛି ପ୍ରଜାମଣ୍ଡଳ ଆନ୍ଦୋଳନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଅର୍ଥନୀତିରେ ବିଶ୍ୱର ପ୍ରମୁଖ ରାଷ୍ଟ୍ରମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛି। କୃଷି, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ, ଉନ୍ନତ ସଡ଼କ ଯୋଗାଯୋଗ, ଶିକ୍ଷା, ସାମାଜିକ ସୁରକ୍ଷା ଆଦି କ୍ଷେତ୍ରରେ ସମସ୍ତଙ୍କୁ ସୁହାଇଲା ଭଳି ଯୋଜନା ପ୍ରସ୍ତୁତ ହେଉଛି ବୋଲି କହିଥିଲେ। ପରେଡରେ ୪୧ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ରିଜର୍ଭ ଇନ୍ସପେକ୍ଟର ଜ୍ୟୋତି ପ୍ରକାଶ ପଟ୍ଟନାୟକ ପରେଡ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱିତୀୟ ଏବଂ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ଶ୍ରେଷ୍ଠ ସମର ଶିକ୍ଷାର୍ଥୀ ବାହିନୀ ଭାବେ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ଜୁନିଅର ଡିଭିଜନ ବାଳିକା ଦଳକୁ ମୁଖ୍ୟମନ୍ତ୍ରୀଙ୍କ ରନିଙ୍ଗ ସିଲ୍ଡ, ଦିଲ୍ଲୀ ପବ୍ଲିକ ସ୍କୁଲକୁ ଶ୍ରେଷ୍ଠ ବେସାମରିକ ବାଳିକା ଦଳ ଭାବେ ଜିଲା ପ୍ରଶାସନର ରନିଙ୍ଗ ସିଲ୍ଡ, ଶ୍ରେଷ୍ଠ ବାଳକ ଦଳ ଭାବେ ଆନନ୍ଦମାର୍ଗ ସ୍କୁଲର ବାଳକ ଦଳକୁ ବୈଜ୍ଞାନିକ ଡ. ଦାଶରଥି ମିଶ୍ର ରନିଙ୍ଗ ସିଲ୍ଡ ଏବଂ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାଳକ ସ୍କାଉଟ ଦଳକୁ ରୁଦ୍ରନାରାୟଣ ସ୍ମାରକୀ ରନିଙ୍ଗ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଢେଙ୍କାନାଳ ଲକ୍ଷ୍ମୀପୂଜାରେ ଶ୍ରେଷ୍ଠ ସାଜସଜ୍ଜା ପାଇଁ କୈବଲ୍ୟ ବଜାର, ଶାନ୍ତିଶୃଙ୍ଖଳା ସହ ପୂଜା ଓ ଭସାଣି ସମ୍ପାଦନ ପାଇଁ ଜବାହାରଚୌକ, ଆକର୍ଷଣୀୟ ଭସାଣି ଶୋଭାଯାତ୍ରା ପାଇଁ ଲକ୍ଷ୍ମୀବଜାର ଏବଂ ଆକର୍ଷଣୀୟ ଆଲୋକସଜ୍ଜା ପାଇଁ ଗୁଡିଆନାଳୀ ପୂଜା ପ୍ରତିଷ୍ଠାନକୁ ରନିଙ୍ଗ ସିଲ୍ଡ ପ୍ରଦାନ କରାଯାଇଥିଲା। ସକାଳେ ବାଲ୍ୟବିବାହ ବିରୋଧରେ ଏକ ସାଇକେଲ ରାଲି ହୋଇଥିଲା। ମୁଖ୍ୟଅତିଥି, ଜିଲାପାଳ ଏବଂ ଏସ୍‌ପି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ, ଜେଲରେ କଏଦୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ରୋଟାରୀ କ୍ଲବ ପରିସରରେ ଏକ ରକ୍ତ ଦାନ ଶିବିର ଏବଂ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଜିଲାସ୍ତରୀୟ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଗାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ବନଖଣ୍ଡ ଅଧିକାରୀ ସୁମିତ କର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ଲୋକ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସତ୍ୟନାରାୟଣ କର ସଂଯୋଜନା କରିଥିଲେ।



ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ଜୁନିୟର ଡିଭିଜନ ବାଳିକା ଏନ୍‌ସିସି ଦଳକୁ ସିଲ୍ଡ ପ୍ରଦାନ କରୁଛନ୍ତି ମନ୍ତ୍ରୀ।

# କପିଳାସ ପୀଠର ଉନ୍ନତୀକରଣ ପାଇଁ ପୂର୍ତ୍ତମନ୍ତ୍ରୀଙ୍କ ସହ ଆଲୋଚନା

ଢେଙ୍କାନାଳ,୨୭।୧ (ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସର ଉନ୍ନତୀକରଣ ପାଇଁ ପୀଠ ପରିସରରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ବିଭାଗୀୟ ଅଧିକାରୀ ଏବଂ ଜନ ପ୍ରତିନିଧିମାନଙ୍କ ସହ ରାଜ୍ୟ ସରକାରଙ୍କ ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଆଲୋଚନା କରିଥିଲେ। ପ୍ରଥମେ ସେ ପୀଠରେ ପହଞ୍ଚି ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ମହାଦେବ ଓ ମାତା ପାର୍ବତୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପୀଠର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ପୀଠର ଚତୁଃପାର୍ଶ୍ୱରେ ବନବିଭାଗ ଓ ଦେବୋତ୍ତର ବିଭାଗର କେତେ ପରିମାଣର ଜାଗା ରହିଛି ଏବଂ କେତେ ଅଞ୍ଚଳ ଏଏସ୍‌ଆଇର ନିଷିଦ୍ଧାଞ୍ଚଳ ରହିଛି ଏହାକୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏକ ଡିପିଆର ପ୍ରସ୍ତୁତ କରି ପଠାଇବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୀଠ ପରିସରରେ ପର୍ଯ୍ୟଟକମାନଙ୍କ ପାଇଁ ତଥ୍ୟ ଜାଣିବା ଏବଂ ମେଡିଟେଶନ ସେଣ୍ଟର ଭଳି ବ୍ୟବସ୍ଥା କରାଯିବା ସହ ଏକ ୧୦ଟି ପ୍ରକୋଷ୍ଠ ଥିବା ବିଶ୍ରାମ ଗୃହ କରିବା ଉପରେ ଆଲୋଚନା କରିଥିଲେ। ପୀଠର ଉନ୍ନତୀକରଣ ପାଇଁ ଅର୍ଥର ଅଭାବ ରହିବ ନାହିଁ। ଏଏସ୍‌ଆଇ ସହ ମଧ୍ୟ ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଆଲୋଚନାରୁ ଜଣାପଡିଛି। ଏହି ବୈଠକରେ ଏସ୍‌ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ଜିଲା ଭାଜପା ସଭାପତି ରାସବିହାରୀ ବେହେରା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କପିଳାସ ପୀଠ ପରିସରରେ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ।

# ଭୁବନରେ ସାଧାରଣତନ୍ତ୍ର ଦିବସ ପାଳିତ


ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଞ୍ଚାସୀନ ଅତିଥି।

ଭୁବନ, ୨୭।୧ (ବିପିନ ବିହାରୀ ସେଠୀ)

ଭୁବନ ଏନଏସିର ବିଭିନ୍ନ ସ୍ଥାନରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ଏନଏସି ପକ୍ଷରୁ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ସାମୂହିକ ପତାକା ଉତ୍ତୋଳନ କରାଯାଇଥିଲା। ଅଧ୍ୟକ୍ଷା ଦାୟିତ୍ୱରେ ଥିବା ଉପ ନଗରପାଳ ମାନିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ କାଉନସିଲର ଓ ନିର୍ବାହୀ ଅଧିକାରୀ ପ୍ରଦତ୍ତ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଜେଆରସିମାନଙ୍କୁ ନେଇ ପ୍ୟାରେଡ କରାଯାଇଥିଲା। ପରିଚାଳନା କମିଟି ସଭାପତି ପତାକା ଉତ୍ତୋଳନ କରିବା ସାହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ସଭାପତିତ୍ୱ କରିଥିଲେ।

# ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କାମାକ୍ଷାନଗର, ୨୭।୧ (ସୁଧୀର ପରିଡ଼ା)

କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ପରିସରରେ ଉପଖଣ୍ଡସ୍ତରୀୟ ୭୭ତମ ସାଧାରଣତନ୍ତ୍ରଦିବସପାଳିତହୋଇଯାଇଛି। ଉପଜିଲାପାଳ ଦୀନମଣି ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରଜନୀକାନ୍ତ ସାମଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭୁକଲ୍ୟାଣ ଦାସ, ତହସିଲଦାର ଶୁଭଙ୍କର ମହାନ୍ତି, ଭୁବନ ତହସିଲଦାର ଅନିଲ କୁମାର ମହାନ୍ତି, ସହକାରୀ ଜିଲାପାଳ କମଳା ମଲିକ, ଗୋଷ୍ଠି ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ ପ୍ରମୁଖ ଯୋଗଦଇଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# ରାଷ୍ଟ୍ର ଗଠନରେ ବ୍ରତୀ ହୋଇ ସୁନାଗରିକ ହେବାକୁ ପରାମର୍ଶ

## ଇ-ଟେକ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଇ-ଫେଷ୍ଟ

ଢେଙ୍କାନାଳ,୨୭।୧ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଇଟେକ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୭ତମ ବାର୍ଷିକ ଉତ୍ସବ ତଥା ଇ-ଫେଷ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଏମ୍‌ପି ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି, ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ ସମ୍ମାନିତ ଅତିଥି, ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ବିକଶିତ ରାଷ୍ଟ୍ର ଗଠନରେ ବ୍ରତୀ ହୋଇ ଜଣେ ଜଣେ ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ଏମ୍‌ପି ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଭାକର ରାଉତଙ୍କୁ ଇ-ଟେକ୍ ସେବା ସମ୍ମାନ, ବର୍ଷିୟାନ୍ ତବଲା ବାଦକ ଗୁରୁ ହରମୋହନ ଖୁଣ୍ଟିଆଙ୍କୁ ଇ-ଟେକ୍ କଳା ସମ୍ମାନ, ଅମ୍ବୁଜ ବଲ୍ଲଭ ଶତପଥୀଙ୍କୁ ଇ-ଟେକ୍ ଶିକ୍ଷା ସମ୍ମାନ ଏବଂ ପ୍ରବାସିନୀ ମହାକୁଡ଼ଙ୍କୁ ଇ-ଟେକ୍ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗତବର୍ଷ ଯୁକ୍ତ୨ ପରୀକ୍ଷାରେ ରାଜ୍ୟର ଦ୍ୱିତୀୟ ଟପ୍ପର ତଥା ଇ-ଟେକ୍‌ର ଟପ୍ପର ଆଶିଷ କୁମାର ସାହୁଙ୍କୁ ପଠାଣୀ ସାମନ୍ତ ଗଣିତ ବିଭାଗରେ ଶତପ୍ରତିଶତ ନମ୍ବର ରଖିଥିବାରୁ ଆର୍ଯ୍ୟଭଟ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗତବର୍ଷ ଯୁକ୍ତ ୨ ପରୀକ୍ଷାରେ ବାଳିକାମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖି ଶ୍ରେଷ୍ଠ ସ୍ଥାନ ଅଳଙ୍କୃତ କରିଥିବା ଏସ୍. ରାମେଶ୍ୱରୀ ନନ୍ଦଙ୍କୁ ସ୍ୱତନ୍ତ୍ର ପୁରସ୍କାର ସହ ଗଣିତ ବିଭାଗ ପାଇଁ ଆର୍ଯ୍ୟଭଟ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଇ-ଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ବିଦୁସ୍ମିତା ରାଉତଙ୍କୁ ବିଦୂଷୀ ଲୀଳାବତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ଯୁକ୍ତ ୨ ପରୀକ୍ଷାରେ ପ୍ରତ୍ୟେକ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜର ଅଧ୍ୟବସାୟ ଜାରି ରଖିଲେ ଲକ୍ଷ୍ୟସ୍ଥଳ ସହଜ ହେବ ବୋଲି ଅଧ୍ୟକ୍ଷ ଡଃ ସୁରେଶ ମିଶ୍ର ମତବ୍ୟକ୍ତ କରିଥିଲେ। ସାମଗ୍ରିକ କୃତିତ୍ୱ ପାଇଁ ଆଶିଷ କୁମାର ସାହୁଙ୍କୁ ଷ୍ଟୁଡେଣ୍ଟ ଅଫ୍ ଦି ଇୟର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଓଡ଼ିଆ ବିଭାଗର ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ସ୍ୱରଚିତ କବିତା ସଂକଳନ 'ଅନେକ ନଦୀ ଓ ଗୋଟିଏ ସମୁଦ୍ର' ଉନ୍ମୋଚନ କରାଯାଇଥିଲା। ସମ୍ପାଦିକା ସାଗରବାଳା ହୋତା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟିର ସଭାପତି ଅଳକା ରାଉତ, ଯୁଗ୍ମ ସମ୍ପାଦିକା ସୁପ୍ରଭା ଶତପଥୀଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ।


ଉତ୍ସବରେ ଏମ୍‌ପି ଓ ଅନ୍ୟ ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ କରାଯାଉଛି।

# ଗଣେଶ ବଜାର ପୂଜା କମିଟିର ସାଧାରଣ ପରିଷଦ ବୈଠକ

## ସଞ୍ଜୀବ ସଭାପତି, ରଫିକ ସମ୍ପାଦକ

ଢେଙ୍କାନାଳ,୨୭।୧ (ରତନ ନାୟାର)

ଢେଙ୍କାନାଳ ସହରର ପ୍ରମୁଖ ଅନୁଷ୍ଠାନ ଗଣେଶ ବଜାର ପୂଜା କମିଟିର ସାଧାରଣ ବୈଠକ ସ୍ଥାନୀୟ ମଧୁସୂଦନ ସଭା ଗୃହଠାରେ ଚେୟାରମ୍ୟାନ ଶେଖ ହୁସେନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ସେଠୀ ଆୟବ୍ୟୟ ହିସାବର ବିବରଣୀ ପ୍ରଦାନ କରିଥିଲେ। ପରେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସର୍ବସମ୍ମତି କ୍ରମେ ସଞ୍ଜୀବ କୁମାର ବେହେରାଙ୍କୁ ସଭାପତି ଓ ଏମ୍‌ଡି ରଫିକଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। କମିଟି ଅଧ୍ୟକ୍ଷ ଭାବେ ସେଖ ହୁସେନ, ମୁଖ୍ୟ ଉପଦେଷ୍ଟା ଭାବେ ବସନ୍ତ କୁମାର ସାହୁ ଓ ବିଶ୍ୱନାଥ ବେହେରାଙ୍କୁ ଦାୟିତ୍ୱ ଦେଇଛନ୍ତି। ଉପସଭାପତି ଶରତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ସେଠୀ ସହ ସମ୍ପାଦକ ମାନସ କୁମାର ସାହୁ, ଗଣେଶ କୁମାର ସେଠୀ, ସୀତାଂଶୁ ଶେଖର ନାୟକ, ଆଶୁତୋଷ ସିଲ ତଥା ଶ୍ୟାମ ସୁନ୍ଦର ସାହୁଙ୍କୁ ମିଡିଆ ପ୍ରଭାରୀ ଭାବେ ଚୟନ କରାଯାଇଛି। ଟ୍ରଷ୍ଟ ସମ୍ପାଦକ ଅତୁଲ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।



ସାଧାରଣ ପରିଷଦ ବୈଠକରେ ଗଣେଶ ବଜାର ପୂଜା କମିଟିର ସଦସ୍ୟ।

# ସପ୍ତଶଯ୍ୟାରୁ ପ୍ରଥମଥର ପାଇଁ ଲଣ୍ଡନକୁ ରପ୍ତାନି ହେଲା ଷ୍ଟ୍ରବେରି

ଢେଙ୍କାନାଳ,୨୭।୧ (ରତନ ନାୟାର)

ରାଜ୍ୟରେ ଉତ୍ପାଦିତ ଷ୍ଟ୍ରବେରି ଏବେ ବିଶ୍ୱ ବଜାରରେ ନିଜର ପରିଚୟ ସୃଷ୍ଟି କରିବାକୁ ଯାଉଛି। ପ୍ରଥମଥର ପାଇଁ ଢେଙ୍କାନାଳ ଜିଲା ସଦର ବ୍ଲକ ସପ୍ତଶଯ୍ୟାରୁ ୫୨ କିଲୋଗ୍ରାମ ଷ୍ଟ୍ରବେରି ଲଣ୍ଡନକୁ ରପ୍ତାନି କରାଯାଇଛି। ସପ୍ତଶଯ୍ୟା ଏଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍' କୃଷକ ଉତ୍ପାଦକ ସଙ୍ଗଠନ ସହାୟତାରେ ଅନୁଷ୍ଠିତ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏହାର ଶୁଭାରମ୍ଭ କରିଥିଲେ। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦେବପ୍ରସାଦ ରାଉତରାୟ, କୃଷି ସହକାରୀ ଯନ୍ତ୍ରୀ ଆଶୁତୋଷ ବେହେରା, ସପ୍ତଶଯ୍ୟା ଏଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ନିର୍ଦ୍ଦେଶକ ସୁଦୀପ୍ତ ରଞ୍ଜନ ବିଶ୍ୱାଳ ଏବଂ ପାଲାଡିୟମ୍‌ର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଚାଷୀମାନେ ବଜାର ତୁଳନାରେ ପ୍ରାୟ ୫୦ ପ୍ରତିଶତ ଅଧିକ ମୂଲ୍ୟ ପାଇବାରେ ସକ୍ଷମ ହେବେ ବୋଲି ଜଣାପଡ଼ିଛି। ଏହି ଷ୍ଟ୍ରବେରି ଚାଷ ଭୁବନ ବ୍ଲକ ନୀଳକଣ୍ଠପୁର ଓ ଗଁଦିଆ ବ୍ଲକ ସୋରିଷିଆପଦା ପଞ୍ଚାୟତ ରାମେଇ ଖମାର ଅଞ୍ଚଳରେ ହେଉଥିବା କମ୍ପାନୀ ନିର୍ଦ୍ଦେଶକ ସୁଦୀପ୍ତ ରଞ୍ଜନ ବିଶ୍ୱାଳ କହିଛନ୍ତି।


ଷ୍ଟ୍ରବେରି ରପ୍ତାନିକୁ ଢେଙ୍କାନାଳଠାରେ ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

# ଭାର୍ଗବୀ ଯୁକ୍ତ୨ କଲେଜରେ ଉତ୍ତେଜନା

## ସାର୍ଟିଫିକେଟ ନ ମିଳିବାରୁ ଛାତ୍ରୀଛାତ୍ର, ଅଭିଭାବକ ଥାନାର ଦ୍ୱାରସ୍ଥ

ଢେଙ୍କାନାଳ,୨୭।୧ (ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠରେ ଥିବା ଭାର୍ଗବୀ ଯୁକ୍ତ୨ କଲେଜରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା। ଯୁକ୍ତ୨ ପ୍ରଥମବର୍ଷ ବିଜ୍ଞାନ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଲିଭିଙ୍ଗ ସାର୍ଟିଫିକେଟ ଓ ମାଇଗ୍ରେଶନ ସାର୍ଟିଫିକେଟ ପ୍ରଦାନ କରା ନ ଯିବାରୁ ଶିକ୍ଷାନୁଷ୍ଠାନ ସମ୍ମୁଖରେ ୧୨୯ ଛାତ୍ରୀଛାତ୍ର ଓ ଅଭିଭାବକମାନେ ତୀବ୍ର ପ୍ରତିବାଦ କରିଥିଲେ। ଶେଷରେ ବାଧ୍ୟହୋଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଟାଉନ ଥାନା ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଟାଉନ ଥାନା ପୋଲିସର ହସ୍ତକ୍ଷେପ ପରେ ସନ୍ଧ୍ୟା ସୁଦ୍ଧା ଦୁଇଟି ଯାକ ସାର୍ଟିଫିକେଟ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି।


ଛାତ୍ରୀଛାତ୍ର ଓ ଅଭିଭାବକମାନେ ଟାଉନ ଥାନାର ଦ୍ୱାରସ୍ଥ।

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ 'ଅସ୍ମିତା'

## ଗଣତାନ୍ତ୍ରିକ ମୂଲ୍ୟବୋଧ ହିଁ ସାମ୍ବାଦିକତାର ଦାୟିତ୍ୱବୋଧ

ଢେଙ୍କାନାଳ,୨୭।୧ (ରତନ ନାୟାର)

ଢେଙ୍କାନାଳ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବାଦିକତାର ଦାୟିତ୍ୱବୋଧକୁ ନେଇ ବକ୍ତବ୍ୟ ରଖିଥିଲେ। ସ୍ୱାଧୀନତା ସଂଗ୍ରାମ, ସମ୍ବିଧାନ, ସମ୍ବିଧାନର ପୁରୋଧା ଏବଂ ଗଣତନ୍ତ୍ର ଦିବସର ପୃଷ୍ଠଭୂମିକୁ ନେଇ ଆଲୋଚନା କରିଥିଲେ। ସଂସ୍ଥାନର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀ ଗଣତନ୍ତ୍ରର ମହତ୍ୱକୁ ବୁଝାଇ ଜାତୀୟ ପତାକା, ଦେଶର ସୀମା ଓ ସମ୍ବିଧାନ ହିଁ ଦେଶର ପରିଚୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ ଓ ପାରସ ଯାଦବଙ୍କ ସମେତ ସଂସ୍ଥାନର ସମସ୍ତ ବିଦ୍ୟାର୍ଥୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ପ୍ରତିଷ୍ଠାନର ମୁକ୍ତମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଅସ୍ମିତା' ସମସ୍ତଙ୍କ ମନ ମୋହିଥିଲା। ସାଂସ୍କୃତିକ ପରିଷଦ କମିଟିର ବିଦ୍ୟାର୍ଥୀ ପ୍ରତିନିଧି ଆବାହକ ସୂର୍ଯ୍ୟଶ ପାଣ୍ଡେ, ସହ-ଆବାହକ ପ୍ରୀତମ ପ୍ରିୟାଂଶୁ ମିଶ୍ର ଓ ରାଶି ଯୋଶୀଙ୍କ ପରିଚାଳନାରେ ଦେଶାତ୍ମବୋଧକ ନୃତ୍ୟ, ସଙ୍ଗୀତ ଓ ନାଟକ ଆୟୋଜିତ ହୋଇଥିଲା। ମୌଳିକ ଅଧିକାରକୁ ନେଇ ମଞ୍ଚସ୍ଥ ନାଟକ 'ସମ୍ବିଧାନ' ସମସ୍ତଙ୍କୁ ଆକର୍ଷିତ କରିଥିଲା।



ଆଇଆଇଏମ୍‌ସି ଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଅସ୍ମିତା'।

# ନୂତନ ଷ୍ଟିଲ୍ ପ୍ଲାଣ୍ଟକୁ ତୀବ୍ର ବିରୋଧ ପାଇଁ ସଂକଳ୍ପ

## ଆଞ୍ଚଳିକ ଜମିହରା କ୍ଷତିଗ୍ରସ୍ତ ପ୍ରଜାସଂଘର ସମାବେଶ

ଢେଙ୍କାନାଳ,୨୭।୧ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆଠାରେ ସୋମବାର ଢେଙ୍କାନାଳ ଆଞ୍ଚଳିକ ଜମିହରା କ୍ଷତିଗ୍ରସ୍ତ ପ୍ରଜାସଂଘ ଓ ବ୍ରାହ୍ମଣୀ ଟ୍ରକ୍ ଆସୋସିଏଶନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରେ ବହୁ କଳକାରଖାନା ଗଢ଼ି ଉଠିଥିବା ବେଳେ ଧୂଳିଧୂଆଁରେ ସମ୍ପୃକ୍ତ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ବିପଦପୂର୍ଣ୍ଣ ହୋଇଛି। ବହୁ ଲୋକ ରୋଗାଗ୍ରସ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ତେଣୁ ଉକ୍ତ ଅଞ୍ଚଳରେ ପ୍ରସ୍ତାବିତ ନୂତନ ଷ୍ଟିଲ ପ୍ଲାଣ୍ଟକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିବା ପାଇଁ ସଂକଳ୍ପ ନେଇଥିବା ବେଳେ ଯଦି ଏହା ବଦଳରେ ପ୍ରଦୂଷଣମୁକ୍ତ କାରଖାନା ପ୍ରତିଷ୍ଠା ହେବ, ତାହାଲେ ଏହାକୁ ସ୍ୱାଗତ କରିବେ ବୋଲି କହିଛନ୍ତି। ଏହି ସମାବେଶରେ ଅତିଥି ଭାବେ ଆଞ୍ଚଳିକ ଜମିହରା କ୍ଷତିଗ୍ରସ୍ତ ପ୍ରଜାସଂଘର ସଭାପତି ବିଶିଷ୍ଟ ସାମାଜିକ କର୍ମୀ ଗଙ୍ଗାଧର ସାମଲ, ଯୁବ ସାମାଜିକ କର୍ମୀ ଡା. ଅବିନାଶ ସାମଲ, ସଂଘର ଉପସଭାପତି ବିଜୟ କୁମାର ଧଳ ଓ ନରେନ୍ଦ୍ର କୁମାର ସାହୁ, ବିନୋଦ କୁମାର ସାହୁ ଓ କୈଳାସ ରାଉତଙ୍କ ସମେତ ସ୍ଥାନୀୟ ଅଞ୍ଚଳର ୧୨ଟି ପଞ୍ଚାୟତର ସରପଞ୍ଚ ଯୋଗଦେଇଥିଲେ। ସ୍ଥାନୀୟ କମ୍ପାନୀମାନେ ଧୂଳିଧୂସର କରି ପ୍ରଦୂଷଣ କରିବା ସହିତ ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀର ଜଳକୁ ପ୍ରଦୂଷିତ କରି ଡଷ୍ଟବିନ୍ ପରି ବ୍ୟବହାର କରୁଥିବା କହିଥିଲେ। ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ମିଳିଲାନାହିଁ। ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଉକ୍ତ ଅଞ୍ଚଳରେ ପୂର୍ବର ଲାନ୍‌କୋ କମ୍ପାନୀ ନିଜର ୟୁନିଟ୍ ବନ୍ଦକରି ଚମ୍ପଟ କରି ଆଉଏକ କମ୍ପାନୀକୁ କ୍ଷତିଗ୍ରସ୍ତ ପ୍ରଜାଙ୍କ ଜମି ହସ୍ତାନ୍ତର କରିବାରୁ ସରକାର ବହୁ କୋଟି ଟଙ୍କା ରାଜସ୍ୱ ହରାଇଥିବା ଅଭିଯୋଗ ହୋଇଛି। ୨୦୧୦ରେ ଲାନ୍‌କୋ କମ୍ପାନୀ ଉକ୍ତ ଅଞ୍ଚଳରେ ଶାଗମାଛ ଦରରେ ଲୋକଙ୍କଠାରୁ ଜାଗା ନେଇ ଦେଇଥିବା ପ୍ରତିଶ୍ରୁତି ରଖିଲେ ନାହିଁ। ଅନ୍ୟପକ୍ଷରେ ନୂତନ ଷ୍ଟିଲ ପ୍ଲାଣ୍ଟ ହେବା ପୂର୍ବରୁ ଅଞ୍ଚଳଗୁଡିକରେ ଥିବା ସମସ୍ୟା ସମ୍ପର୍କରେ ସରକାର ସ୍ଥାନୀୟ ଲୋକଙ୍କର କୌଣସି ମତାମତ ଶୁଣିଲେ ନାହିଁ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଅଞ୍ଚଳବାସୀ। ସ୍ଥାନୀୟ ଲୋକମାନଙ୍କ ସମସ୍ୟା ଓ କଳକାରାଖାନାଗୁଡିକର ମନମାନୀ କାର୍ଯ୍ୟକୁ ନେଇ ନ୍ୟାୟ ପାଇବା ପର୍ଯ୍ୟନ୍ତ ଅଞ୍ଚଳବାସୀ ଏକାଠି ହୋଇ ଲଢିବା ପାଇଁ ସଂକଳ୍ପ ନେଇଛନ୍ତି। ଏହି ଅବସରରେ ସ୍ଥାନୀୟ ଲୋକମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥଲା। ପ୍ରାରମ୍ଭରେ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଜାତୀୟ ପତାକା ଧରି ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ମସାଣିଆ ଛକଠାରୁ ବାହାରି କଣ୍ଟାବଣିଆ ପର୍ଯ୍ୟନ୍ତ ଯାଇଥିଲେ।



